ଟିପ୍ପଣୀ

# ଏକକ-୪ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ସାଙ୍ଗଠନିକ ସଂରଚନା

**ସରଞ୍ଜନା**


୪.୦ ଉପକ୍ରମ

୪.୧ ଶିକ୍ଷଣ ଉଦ୍ଦେଶ୍ୟ

୪.୨ ଜାତୀୟସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସାଙ୍ଗଠନିକ ସଂରଚନା-ଏନ୍.ସି.ଇ.ଆର୍.ଟି

- ୪.୨.୧ *NCERT* ର ଭୂମିକା
- ୪.୨.୨ *NCERT* ର କାର୍ଯ୍ୟ

୪.୩ ରାଜ୍ୟସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସାଙ୍ଗଠନିକ ସଂରଚନା

- ୪.୩.୧ ରାଜ୍ୟଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ (*SCERT*)
- ୪.୩.୨ ରାଜ୍ୟଶିକ୍ଷା ପରିଚାଳନା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (*SIEMAT*)

୪.୪ ଜିଲ୍ଲାସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସାଙ୍ଗଠନିକ ସଂରଚନା

- ୪.୪.୧ *DIET* ର ଭୂମିକା
- ୪.୪.୨ *DIET* ର କାର୍ଯ୍ୟ

୪.୫ ବ୍ଲକ୍‌ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସାଙ୍ଗଠନିକ ସଂରଚନା(ବି.ଆର୍.ସି)

- ୪.୫.୧ ଗୋଷ୍ଠୀ ସାଧନ କେନ୍ଦ୍ର(*BRC*)ର ଭୂମିକା ଓ କାର୍ଯ୍ୟ

୪.୬ ଆଞ୍ଚଳିକ ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସାଙ୍ଗଠନିକ ସଂରଚନା

- ୪.୬.୧ ଆଞ୍ଚଳିକ ସାଧନ କେନ୍ଦ୍ର(*CRC*)ର ଭୂମିକା
- ୪.୬.୨ ଆଞ୍ଚଳିକ ସାଧନ କେନ୍ଦ୍ର(*CRC*)ର କାର୍ଯ୍ୟ

୪.୭ ସାରାଂଶ

୪.୮ ଶବ୍ଦକୋଷ/ସଂକ୍ଷେପକରଣ

୪.୯ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୪.୧୦ ପାଠାନ୍ତ ପ୍ରଶ୍ନାବଳୀ


## ୪. ଉପକ୍ରମ

ଭାରତୀୟ ସମ୍ବିଧାନ ଧାରା ୫୧(ଏ)ର ଅନ୍ତର୍ଗତ ନାଗରିକମାନଙ୍କର ପ୍ରଧାନ ମୌଳିକ କର୍ତ୍ତବ୍ୟ ଭିତରୁ

ଗୋଟିଏ କର୍ତ୍ତବ୍ୟ ହେଉଛି, 'ବ୍ୟକ୍ତିଗତ ତଥା ସାମୂହିକ କାର୍ଯ୍ୟର ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ହେବା ଉଚିତ୍ । ଯାହା ଫଳରେ ଦେଶ ନିୟମିତ ଧାରାରେ ସମସ୍ତ ଅନୁଭବକୁ ହାସଲ କରି ସର୍ବୋଚ୍ଚତମ କ୍ଷେତ୍ରରେ ଅଗ୍ରଗତି କରିପାରିବ ।' ଏହି ମୂଳ କର୍ତ୍ତବ୍ୟକୁ ବୁଝି ଦେଶରେ ପ୍ରାରମ୍ଭିକ ଶିକ୍ଷାର ଗୁଣବତ୍ତାର ଉନ୍ନତି ପାଇଁ ସମସ୍ତ ପ୍ରୟାସ ଜାରି ରହିଛି । ଦେଶରେ ଏଭଳି ସଂସ୍ଥାମାନ ପ୍ରତିଷ୍ଠା ହୋଇ ସାରିଛି, ଯେଉଁମାନେ ଏହି କାର୍ଯ୍ୟର ଆଗରେ ଆସୁଥିବା ସମସ୍ୟାମାନଙ୍କୁ ଦୂର କରିବା ପାଇଁ ସହାୟତା କରିଥାନ୍ତି ଏବଂ ଏଥିରୁ କିଛି ଅନୁଷ୍ଠାନ ସ୍ୱୟଂଶାସିତ ଅଟେ ।

ପ୍ରାରମ୍ଭିକ ଶିକ୍ଷାର ବିଭିନ୍ନ ଦିଗରେ ଉତ୍କର୍ଷତା ପାଇବା ପାଇଁ ଭାରତ ସରକାରଙ୍କର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦେଶରେ ପ୍ରାରମ୍ଭିକ ଶିକ୍ଷାର ଗୁଣବତ୍ତାର ସୁଧାର ଆଣିବାର ଦାୟିତ୍ୱ ବିକେନ୍ଦ୍ରୀକରଣ କରିଛନ୍ତି । ଜାତୀୟସ୍ତରରେ 'ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ(*NCERT*)', ରାଜ୍ୟସ୍ତରରେ 'ରାଜ୍ୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ *(SCERT)*, ଜିଲ୍ଲାସ୍ତରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(*DIET*), ଗୋଷ୍ଠୀ ସାଧନ କେନ୍ଦ୍ର(*BRC*) ବା ଆଞ୍ଚଳିକ ସାଧନ କେନ୍ଦ୍ର(*CRC*) । ଏଭଳି ପ୍ରମୁଖ ସଂସ୍ଥାମାନେ ଅଛନ୍ତି, ଯେଉଁମାନେ ପ୍ରାରମ୍ଭିକ ବିଦ୍ୟାଳୟ ପାଇଁ ଶୈକ୍ଷିକ ଏବଂ ସାଧନ କ୍ଷେତ୍ରରେ ସହାୟତା ପ୍ରଦାନ କରିଥାନ୍ତି । ଏହି ଅନୁଷ୍ଠାନମାନଙ୍କର କାର୍ଯ୍ୟାବଳୀ କେବଳ ସମସ୍ତ ଶିକ୍ଷକମାନଙ୍କର ସହଯୋଗ ଉପରେ ପର୍ଯ୍ୟବେସିତ ଅଟେ । ଶିକ୍ଷକମାନେ ଏହି ସବୁ ଅନୁଷ୍ଠାନମାନଙ୍କର ଦୁଇ ପ୍ରକାର ଉପାୟରେ ଲାଭ ନେଇଥାନ୍ତି ।


- ବିଭିନ୍ ପ୍ରକାରର ପ୍ରଶିକ୍ଷଣ କକ୍ଷ ମାଧ୍ୟମରେ ଶିକ୍ଷକମାନଙ୍କର କୌଶଳ ଏବଂ ଜ୍ଞାନ ବୃଦ୍ଧି କରିବା ପାଇଁ ଅଲଗା ଅଲଗା ପ୍ରକଳ୍ପ ଚାଲୁ ରହିଛି ।

- ଏହି ସଂସ୍ଥାଗୁଡିକ ଶିକ୍ଷାରେ ବିଭିନ୍ନ ନବୀନୀକରଣ ଅଭ୍ୟାସଗୁଡିକର ସ୍ୱୀକୃତୀ ପ୍ରଦାନ କରିଥାଏ, ଯାହା ଶିକ୍ଷକମାନଙ୍କ ନୂତନ ପ୍ରକାର ଜ୍ଞାନ ଆହରଣ କୌଶଳ ବୃଦ୍ଧିରେ ସହାୟକ ହୋଇଥାଏ । ଫଳରେ ସେମାନେ ଶିକ୍ଷାର ମାନ ଅଭିବୃଦ୍ଧି କରିଥାନ୍ତି ।

ଆଗକୁ ଯିବା ପୂର୍ବରୁ, ଚାଲ ୪.୧ରେ ଥିବା ଚିତ୍ରକୁ ଅବଲୋକନ କରିବା । ଏହି ଚିତ୍ର ଆପଣଙ୍କୁ ଏହି ଏକକରେ ଥିବା ତଥ୍ୟ ବିଷୟରେ ଜ୍ଞାନ ଓ ତା' ଭିତରେ ଥିବା ସମ୍ପର୍କକୁ ଛବି ମାଧ୍ୟମରେ ପ୍ରସ୍ତୁତ କରିଛି ।

ଟିପ୍ପଣୀ

## କଳ୍ପିତ ବିଷୟର ମାନଚିତ୍ର




*ଚିତ୍ର: ୪.୧*

### ୪.୧: ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପାଠ କଲା ପରେ, ତୁମେ:

୧. ବିଭିନ୍ନ ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସାଙ୍ଗଠନିକ ଗଠନ ବିଷୟରେ ବର୍ଣ୍ଣନା କରିପାରିବେ:- ଜାତୀୟ, ରାଜ୍ୟ ଓ ଜିଲ୍ଲା

୨. ଜାତୀୟସ୍ତରର ସଂସ୍ଥାମାନେ ଯେଭଳି ଜାତୀୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦର ଭୂମିକା ଏବଂ କାର୍ଯ୍ୟ ବିଷୟରେ ସ୍ପଷ୍ଟ କରିପାରିବେ ।

୩. ରାଜ୍ୟସ୍ତରର ଅନୁଷ୍ଠାନମାନେ ଯଥା ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ ଏବଂ ରାଜ୍ୟ ଶିକ୍ଷା ପରିଚାଳନ ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭୂମିକା ଏବଂ କାର୍ଯ୍ୟ ବିଷୟରେ ଆଲୋଚନା କରିପାରିବେ ।

୪. ପ୍ରାରମ୍ଭିକ ଶିକ୍ଷାର ଗୁଣବତ୍ତାରେ ସୁଧାର ଆଣିବା ପାଇଁ ଜିଲ୍ଲାସ୍ତରୀୟ ସଂସ୍ଥାମାନେ ଯଥା ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ(*DIET*), ଗୋଷ୍ଠୀ ସାଧନ କେନ୍ଦ୍ର(*BRC*) ଇତ୍ୟାଦିର ଭୂମିକା ଏବଂ ବିଷୟରେ ବିବେଚନା କରିପାରିବେ ।

୫. ଦେଶରେ ପ୍ରାରମ୍ଭିକ ଶିକ୍ଷାର ସୁଧାର ଆଣିବା ପାଇଁ କିଛି ଉପାୟ ସମ୍ପର୍କରେ ପ୍ରସ୍ତାବ ଦେଇପାରିବେ ।

## ୪.୨- ଜାତୀୟ ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସଂଗଠନାତ୍ମକ ସଂରଚନା: ଏନ୍.ସି.ଇ.ଆର୍.ଟି

୧୯୫୪ ମସିହାଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ଭାରତରେ ବହୁତ ଅନୁଷ୍ଠାନଗୁଡ଼ିକର ସ୍ଥାପନା ହୋଇଥିଲା ଯଥା- ପାଠ୍ୟ ପୁସ୍ତକ ଅନୁସନ୍ଧାନ କେନ୍ଦ୍ରୀୟ ବ୍ୟୁରୋ(୧୯୬୪), ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ୍ ଏବଂ ଭୋକେଶନାଲ ଗାଇଡାନ୍ସ(୧୯୫୪), ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ବେସିକ ଏଜୁକେଶନ୍(୧୯୫୬), ନ୍ୟସନାଲ୍ ଫାଉଣ୍ଡେସନ୍ ଏଜୁକେଶନ୍ ସେଣ୍ଟର(୧୯୫୬), ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ସେକେଣ୍ଡାରୀ ଏଜୁକେଶନ୍(୧୯୫୯) ତଥା ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅଡିଓ ଭିଜୁଆଲ୍ ଏଜୁକେଶନ୍(୧୯୫୯) । ଏହି ଅନୁଷ୍ଠାନମାନଙ୍କର ସ୍ଥାପନା ଅଲଗା ଅଲଗା କାର୍ଯ୍ୟ ପାଇଁ କରାଯାଇଥିଲା । ଆସ, ଏହା ଭିତରୁ କିଛି ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନମାନଙ୍କ ବିଷୟରେ ସବିଶେଷ ବିବରଣି ଜାଣିବା ।

୧୯୬୧ ମସିହାରେ ବହୁତଗୁଡାଏ ଅନୁଷ୍ଠାନକୁ ଗୋଟିଏ ବୃହତ୍ତର ସଂସ୍ଥାର ଅନ୍ତର୍ଗତ କରାଗଲା, ଯାହାକୁ ପର୍ଯ୍ୟାପ୍ତ ମାତ୍ରାରେ ମାନବ ତଥା ଭୌତିକ ସାଧନ ତଥା ସ୍ୱାଧୀନତା ଦିଆଗଲା । ଏହି ସଂସ୍ଥାର ନାମ ଜାତୀୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ(*NCERT*)ରଖାଯାଇଥିଲା । ଏହାର ସ୍ଥାପନା ୧ ସେପ୍ଟେମ୍ବର, ୧୯୬୧ରେ ଦିଲ୍ଲୀଠାରେ ହୋଇଥିଲା । ଏନ୍.ସି.ଇ.ଆର୍.ଟିର ମୁଖ୍ୟ ଲକ୍ଷ୍ୟ ହେଲା ବିଦ୍ୟାଳୟ ଶିକ୍ଷାରେ ସୁଧାର ଆଣିବା । ଏହା ଶୈକ୍ଷିକ ଉଦ୍ଦେଶ୍ୟ ନେଇ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥାଏ । ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟକ୍ରମ ତଥା ନୀତି ପ୍ରଣୟନ ସହିତ ଏହାର ପ୍ରୟୋଗ କରିବା ପାଇଁ ଏନ୍.ସି.ଇ.ଆର୍.ଟିର ଆବଶ୍ୟକତା ଅନୁଭବ କରିଥାଏ ।

ଏନ୍.ସି.ଇ.ଆର୍.ଟିର ଏକ ମହାସମିତି(*General Body*)ଥାଏ, ଯେଉଁଥିରେ ସବୁ ରାଜ୍ୟର ଶିକ୍ଷାମନ୍ତ୍ରୀ, ପ୍ରଖ୍ୟାତ୍ ଶିକ୍ଷାବିତ୍ ତଥା ଶିକ୍ଷକମାନେ ପ୍ରତିନିଧିତ୍ୱ କରନ୍ତି । ଏନ୍.ସି.ଇ.ଆର୍.ଟିର ୪ଟି ଉଦ୍ଦେଶ୍ୟ ଅଛି, ସେଗୁଡିକ ହେଲା;

୧. ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତାରେ ଉନ୍ନତି ଆଣିବା

୨. ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ କରିବା

୩. ଶିକ୍ଷାର ପ୍ରସାର ଓ ପ୍ରଚାର କରିବା

୪. ଦେଶର ବିଦ୍ୟାଳୟ ଶିକ୍ଷାରେ ଆସୁଥିବା ସମସ୍ୟାମାନଙ୍କୁ ସମାଧାନ କରିବା ପାଇଁ ସହଯୋଗ କରିବା ।

ଟିପ୍ପଣୀ

ଏହି କାର୍ଯ୍ୟଗୁଡିକୁ ସମ୍ପାଦନା କରିବା ପାଇଁ ଏନ୍.ସି.ଇ.ଆର୍.ଟିର ବିଭିନ୍ନ ସଂସ୍ଥାମାନ ରହିଛି । ତାହା ନିମ୍ନରେ ପ୍ରଦତ୍ତ କରାଗଲା:

(କ) ଜାତୀୟ ଶିକ୍ଷା ପ୍ରତିଷ୍ଠାନ(*NIE*), ନୂଆଦିଲ୍ଲୀ
(ଖ) କେନ୍ଦ୍ରୀୟ ଶିକ୍ଷା ବୈଷୟିକ ପ୍ରତିଷ୍ଠାନ(*CIET*), ନୂଆଦିଲ୍ଲୀ
(ଗ) ପଣ୍ଡିତ ସୁନ୍ଦର ଲାଲ୍ ଶର୍ମା କେନ୍ଦ୍ରୀୟ ଧନ୍ଦାମୂଳକ ଶିକ୍ଷା ପ୍ରତିଷ୍ଠାନ(*PSSCIVE*), ଭୋପାଳ
(ଘ) ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ(ଆର୍.ଆଇ.ଇ), ଆଜମେର୍, ଭୋପାଳ, ଭୁବନେଶ୍ୱର, ମହୀଶୂର ଓ ସିଲଂ ।

(*NCERT*)ର ମୁଖ୍ୟ ପରିଚାଳନ ପରିଷଦ ହେଉଛି କାର୍ଯ୍ୟକାରୀ କମିଟି । କେନ୍ଦ୍ରୀୟ ମାନବ ସମ୍ବଳ ବିକାଶ ମନ୍ତ୍ରୀ, ମହାସମିତିର ସଭାପତି ଅଟନ୍ତି । ଏହି ସଭାର ଅନ୍ୟ ସଦସ୍ୟ ମାନେ ହେଲେ,

୧. ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ଶିକ୍ଷାମନ୍ତ୍ରୀ
୨. ୟୁ.ଜି.ସିର ଅଧ୍ୟକ୍ଷ, ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟର ସଚିବ, ଚାରି ବିଶ୍ୱବିଦ୍ୟାଳୟର କୁଳପତି(ପ୍ରତ୍ୟେକ ଅଞ୍ଚଳରୁ ଜଣେ) ତଥା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ଚେୟାରମ୍ୟାନ୍, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ସଚିବ, କେନ୍ଦ୍ରର ସ୍ୱାସ୍ଥ୍ୟ ଶିକ୍ଷା ବ୍ୟୁରୋର ନିର୍ଦ୍ଦେଶକ, ପ୍ରଶିକ୍ଷଣ ନିର୍ଦ୍ଦେଶକ ଡି.ଜି.ଇ.ଟି ଶ୍ରମ ମନ୍ତ୍ରାଳୟ, ଯୋଜନା ବୋର୍ଡ ଶିକ୍ଷା ବିଭାଗର ଜଣେ ପ୍ରତିନିଧି, କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ଓ କିଛି ଅନ୍ୟବ୍ୟକ୍ତି(୬ରୁ ଅଧିକ ହେବ ନାହିଁ) ଯେଉଁମାନେ ଭାରତ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି । (ଯାହାଙ୍କ ଭିତରୁ ଅତି କମ୍‌ରେ ୪ ଜଣ ବିଦ୍ୟାଳୟ ଦରକାର)

୩. ଏନ୍.ସି.ଇ.ଆର୍.ଟିର ସଚିବ ଏହାର ସଂଯୋଜକ ଅଟନ୍ତି ।

୪. ମୁଖ୍ୟ ସମିତିକୁ ସାହାଯ୍ୟ କରିବା ପାଇଁ ୩ଟି କମିଟି ରହିଛି । ଏହି ସମିତିଗୁଡିକ ଆର୍ଥିକ ଏବଂ ଅନ୍ୟ ପ୍ରକଳ୍ପକୁ ପରିଚାଳନା କରିଥାନ୍ତି । ଏହି ସମିତିର ଅଧ୍ୟକ୍ଷ ହେଉଛନ୍ତି *NCERT*ର ନିର୍ଦ୍ଦେଶକ ।

## ୪.୨.୧ ଏନ୍.ସି.ଇ.ଆର୍.ଟିର ଭୂମିକା

୧୯୬୧ ମସିହାରେ ଭାରତ ସରକାର କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ଶିକ୍ଷା ସମ୍ବନ୍ଧୀୟ ନୀତିଗୁଡିକୁ ଲାଗୁ କରିବା ପାଇଁ ସହାୟତା ତଥା ଉପଦେଶ ଦେବା ପାଇଁ *NCERT*ର ସ୍ଥାପନା କରିଥିଲେ । ଏହାର ବିଶେଷ ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟ ଶିକ୍ଷାରେ ଗୁଣାତ୍ମକ ସୁଧାର ଆଣିବା ତଥା ଶିକ୍ଷକ ପ୍ରସ୍ତୁତ କରିବା । ସମୟ ସହିତ ଏହି ପରିଷଦ ଏକ ଅଦ୍ୱୈତିୟ ରୂପ ଧାରଣ କରିଥିଲା ଯେଉଁଥିରେ ଅବିରତ ଘଟୁଥିବା

ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା, ଯାହା ଭାରତର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିଥିଲା । (*NCERT*) ଶିକ୍ଷା ଅନୁସନ୍ଧାନ ପରିଚାଳନା ତଥା ସହାୟତା ପ୍ରଦାନ କରିବା ଏବଂ ଶିକ୍ଷା ଅନୁସନ୍ଧାନର ଉପାୟ ସବୁ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହ କରିଥାଏ । ଜାତୀୟ ଶିକ୍ଷା ଅନୁଷ୍ଠାନର ବିଭିନ୍ନ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, କେନ୍ଦ୍ରୀୟ ଶିକ୍ଷା ବୈଷୟିକ ପ୍ରତିଷ୍ଠାନ  ତଥା ପଣ୍ଡିତ ସୁନ୍ଦର ଲାଲ୍ ଶର୍ମା କେନ୍ଦ୍ରୀୟ ଧନ୍ଦାମୂଳକ ଶିକ୍ଷା ପ୍ରତିଷ୍ଠାନ, ବିଦ୍ୟାଳୟ ଶିକ୍ଷା ଏବଂ ଶିକ୍ଷକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଅନେକ ପ୍ରକାରର ଦାୟିତ୍ୱ ନେଇଥାଏ । ଏନ୍.ସି.ଇ.ଆର୍.ଟି ଆର୍ଥିକ ସହାୟତା ତଥା ବୈଷୟିକ ପରାମର୍ଶ ପ୍ରଦାନ କରି ଅନ୍ୟ ସଂସ୍ଥାମାନଙ୍କୁ ଅନୁସନ୍ଧାନ କାର୍ଯ୍ୟ ପାଇଁ ସହାୟତା ପ୍ରଦାନ କରିଥାଏ ।  ବିଶେଷଜ୍ଞମାନଙ୍କୁ ତାଙ୍କର ପି.ଏଚ୍.ଡି ଅନୁସନ୍ଧାନ ଗ୍ରନ୍ଥର ପ୍ରକାଶନ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥାଏ । ବିଦ୍ୟାଳୟ ଶିକ୍ଷା ସମ୍ବନ୍ଧୀୟ ଅଧ୍ୟୟନକୁ ପ୍ରୋତ୍ସାହିତ କରିବା ପାଇଁ ଯୋଗ୍ୟ ବିଶେଷଜ୍ଞମାନଙ୍କର ଦଳ ଗଠନ ପାଇଁ ଅନୁସନ୍ଧାନ ବୃତ୍ତି ପ୍ରଦାନ କରାଯାଇଥାଏ ।

କାର୍ଯ୍ୟକ୍ରମ ଉପଦେଷ୍ଟା ସମିତି ଏନ୍.ସି.ଇ.ଆର୍.ଟିର ପ୍ରଧାନ ସଂସ୍ଥା । ଏହି ସଂସ୍ଥା ଅନୁସନ୍ଧାନ, ପ୍ରଶିକ୍ଷଣ ତଥା ବିସ୍ତାର ପରିଯୋଜନା ସମ୍ବନ୍ଧୀୟ ସବୁ ପ୍ରସ୍ତାବ ପାଇଁ ଯେଉଁମାନେ ଉପଦେଶ ଦେଇଥାନ୍ତି, ତାକୁ ବିଚାର କରିବା ପରେ ତାର ନିଜର ରାୟ ଦେଇଥାଏ( ଏହି ସଂସ୍ଥା ଶିକ୍ଷା ସମ୍ବନ୍ଧୀୟ ନୀତିଗୁଡିକର ବିକାଶ ପାଇଁ ବିଭିନ୍ନ ପରିଯୋଜନା ତିଆରି କରିଥାଏ) । ଏହା ଅନୁସନ୍ଧାନ ପ୍ରଶିକ୍ଷଣର ଯୋଜନା ଆରମ୍ଭ କରିଥାଏ, ପର୍ଯ୍ୟବେକ୍ଷଣ  କରିଥାଏ ତଥା ମାର୍ଗ ଦର୍ଶନ କରିଥାଏ ।  ତା ପରେ ଏ ସମ୍ବନ୍ଧୀତ ଯୋଜନାଗୁଡିକର ପରୀକ୍ଷା ହୋଇଥାଏ ଏବଂ ଉକ୍ତ ଯୋଜନା ଭିତରେ ସମନ୍ୱୟ ପ୍ରତିଷ୍ଠା କରିଥାଏ ।

ବୋର୍ଡ ୩ଟି ସ୍ଥାୟୀ ଉପସମିତି ମାଧ୍ୟମରେ କାର୍ଯ୍ୟ କରିଥାଏ ।

୧. ପ୍ରଥମ, ଅନୁସନ୍ଧାନ ଯୋଜନାଗୁଡିକୁ ଯାହା ଅନ୍ୟ ସଂସ୍ଥାମାନେ ଏନ୍.ସି.ଇ.ଆର୍.ଟିର ବିଚାରଧୀନ ହେବା ପାଇଁ ପ୍ରସ୍ତୁତ କରିଥାନ୍ତି ।

୨. ଦ୍ୱିତୀୟ, ଯାହାର ସମ୍ବନ୍ଧ ଜାତୀୟ ଶିକ୍ଷା ସଂସ୍ଥାନ ସହିତ ବୈଷୟିକ ଅଧ୍ୟୟନ ତଥା ଅନୁସନ୍ଧାନର ଯୋଜନା ତିଆରି ତଥା ସମନ୍ୱୟ କରିବା ପାଇଁ ହୋଇଥାଏ ।

୩. ତୃତୀୟ, ଯାହାର ସମ୍ବନ୍ଧ ବିସ୍ତାର କରିବା ତଥା କ୍ଷେତ୍ର ସେବା ପାଇଁ ହୋଇଥାଏ ।

ଏନ୍.ସି.ଇ.ଆର୍.ଟି ତାର ନିଜ ଉଦ୍ଦେଶ୍ୟକୁ ପୂରା କରିବା ତଥା ଅନୁସନ୍ଧାନ, ଉଚ୍ଚ ପ୍ରଶିକ୍ଷଣ ତଥା ବିସ୍ତାର ସେବାକୁ ବିକଶିତ କରିବା ପାଇଁ ଏକ ଆନୁଷ୍ଠାନିକ ସଂସ୍ଥା ରୂପେ କାର୍ଯ୍ୟ କରିବା ପାଇଁ ଜାତୀୟ ଶିକ୍ଷା ସଂସ୍ଥାନ ଏବଂ ଆଞ୍ଚଳିକ ଶିକ୍ଷା ସଂସ୍ଥାନକୁ ସ୍ଥାପିତ କରିଛି ।

୧. ଜାତୀୟ ପାଠ୍ୟକ୍ରମ ଆଧାରର ପ୍ରଚଳନ

୨. ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନ କରଣ

୩. ଧନ୍ଦାମୂଳକ ଶିକ୍ଷା ପ୍ରଦାନ

୪. ବିଶେଷ ଆବଶ୍ୟକତା ଥିବା ଶିଶୁମାନଙ୍କର ଶିକ୍ଷା ବ୍ୟବସ୍ଥା

ଟିପ୍ପଣୀ

୫. ପ୍ରାକ୍ ପ୍ରାଥମିକ ଶିକ୍ଷା
୬. ମୂଲ୍ୟାୟନ ଏବଂ ପରୀକ୍ଷା ବ୍ୟବସ୍ଥାରେ ସୁଧାର
୭. ପ୍ରଯୁକ୍ତି ଓ ବୈଷୟିକ ଶିକ୍ଷା
୮. ମୂଲ୍ୟବୋଧ ଶିକ୍ଷା
୯. ଶୈକ୍ଷକ ପ୍ରଯୁକ୍ତି ବିଦ୍ୟା
୧୦. ଉଦାହରଣଯୋଗ୍ୟ ପାଠ୍ୟପୁସ୍ତକ/କାର୍ଯ୍ୟ ପ୍ରସ୍ତୁତ/ଶିକ୍ଷକଙ୍କ ମାର୍ଗ ଦର୍ଶିକା/ଅତିରିକ୍ତ ପାଠ୍ୟ ସାମଗ୍ରୀ ନିକାଶ
୧୧. ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି
୧୨. ବାଳିକାମାନଙ୍କ ପାଇଁ ଶିକ୍ଷା
୧୩. ପ୍ରତିଭା ଚିହ୍ନଟ ଏବଂ ବିକାଶ
୧୪. ଦିଗ୍‌ଦର୍ଶନ ଏବଂ ପରାମର୍ଶ
୧୫. ବୈଷୟିକ ଶିକ୍ଷାର ବିକାଶ
୧୬. ଆନ୍ତର୍ଜାତୀୟ ସମ୍ପର୍କ

## ୪.୨.୨ ଏନ୍.ସି.ଇ.ଆର୍.ଟିର କାର୍ଯ୍ୟ

ଏନ୍.ସି.ଇ.ଆର୍.ଟି ନିମ୍ନଲିଖିତ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକୁ ସମ୍ପାଦିତ କରିଥାଏ ।

**(କ) ଅନୁସନ୍ଧାନ :** ଏନ୍.ସି.ଇ.ଆର୍.ଟି ସ୍ୱତନ୍ତ୍ର ଭାବରେ ଏବଂ ପ୍ରତିଷ୍ଠାନମାନଙ୍କ ସହିତ ମିଶି ଶିକ୍ଷା ସମ୍ବନ୍ଧୀୟ ଗବେଷଣା କରିଥାଏ । ଏହା ଶିକ୍ଷା ଅନୁସନ୍ଧାନକାରୀ ମାନଙ୍କ ପାଇଁ ବିଭିନ୍ନ ପାଠ୍ୟକ୍ରମ ପ୍ରସ୍ତୁତ କରିଥାଏ ଏବଂ ବିଦ୍ୟାଳୟ ସମ୍ବନ୍ଧୀୟ ଅଧ୍ୟୟନକୁ ପ୍ରୋତ୍ସାହନ ଦେବା ପାଇଁ ଅନୁସନ୍ଧାନ ଶିକ୍ଷା ବୃତ୍ତି ପ୍ରଦାନ କରିଥାଏ ।

**(ଖ) ପ୍ରଶିକ୍ଷଣ :**ଏହା ଶିକ୍ଷା ବ୍ୟବସ୍ଥାର ବିଭିନ୍ନସ୍ତର ତଥା ପୂର୍ବ ପ୍ରାଥମିକ, ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ତତ୍‌ସହିତ ଧନ୍ଦାମୂଳକ ଶିକ୍ଷା, ବୈଷୟିକ ପ୍ରଯୁକ୍ତି ବିଦ୍ୟା, ଦିଗ୍‌ଦର୍ଶନ ଓ ପରାମର୍ଶ ଏବଂ ବିଶେଷ ଶିକ୍ଷା ପାଇଁ ଶିକ୍ଷକମାନଙ୍କର ସେବାପୂର୍ବ ଓ ସେବାକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥାଏ ।

**(ଗ) ବିକାଶ:** ଏହା ବିଦ୍ୟାଳୟ ଶିକ୍ଷାର ବିଭିନ୍ନସ୍ତର ପାଇଁ ପାଠ୍ୟକ୍ରମ ବା ପାଠ୍ୟ ଖସଡା ତଥା ଅଧ୍ୟାପନ ସାମଗ୍ରୀ ପ୍ରସ୍ତୁତ କରିଥାଏ ଏବଂ ସମାଜର ନୂତନତ୍ତର ଆବଶ୍ୟକତା ଅନୁଯାୟୀ ଏହା ପ୍ରାସଙ୍ଗିକ କରିଥାଏ । ଏହା ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟା ସହିତ ଶିକ୍ଷାଦାନ ସହାୟକ ସାମଗ୍ରୀ ଏବଂ ମୂଲ୍ୟାୟନ ପଦ୍ଧତି ଓ ପ୍ରକ୍ରିୟାର ବିକାଶ କରିଥାଏ । ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟା, ଜନସଂଖ୍ୟା ଶିକ୍ଷା ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ଶିକ୍ଷା ଏବଂ ଅନ୍ୟ ବିଶେଷ ସମୂହ ପାଇଁ ବିଭିନ୍ନ ପ୍ରକାର

ବିକାଶମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

**(ଘ) ସେବା ପୂର୍ବ ଓ ସେବା ସମୟର ପ୍ରଶିକ୍ଷଣ :** ଏହା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସେବାପୂର୍ବ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରୟୋଜିତ କରିଥାଏ ଏବଂ ଶିକ୍ଷକ ଓ ଶିକ୍ଷକ-ପ୍ରଶିକ୍ଷକମାନଙ୍କ ପାଇଁ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା, ଯେଉଁମାନେ ଶିକ୍ଷକ ଶିକ୍ଷା ଏବଂ ଅନ୍ୟ ଶିକ୍ଷା ବିଭାଗ ସହିତ ଜଡିତ, ସେମାନଙ୍କ ପାଇଁ ସେବା ସମୟର ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରିଥାଏ ।

**(ଙ)ଅଭିମୁଖୀ କରଣ:** ଏହା ବିଦ୍ୟାଳୟ ଶିକ୍ଷା ତଥା ଶିକ୍ଷକ ଶିକ୍ଷା ସମ୍ବନ୍ଧୀୟ ନୂଆ ଚିନ୍ତାଧାରା, ନୂତନ ବିଚାରଧାରା ତଥା ସମସ୍ତ ବିଷୟରେ ନୂତନ ଜ୍ଞାନ ଉପରେ ଅବଗତ କରାଇବା ପାଇଁ ଅଭିମୁଖୀକରଣ କାର୍ଯ୍ୟକ୍ରମର ଆୟୋଜନ କରାଇଥାଏ ।

**(ଚ) ଅଧ୍ୟୟନ, ଅନୁସନ୍ଧାନ ଓ ସର୍ବେକ୍ଷଣ :** ଏହା ବିଦ୍ୟାଳୟ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଅନୁସନ୍ଧାନ, ଖୋଜ୍ ତଥା ସର୍ବେକ୍ଷଣ କରିବା ପାଇଁ ଦାୟିତ୍ୱ ନେଇଥାଏ ।


**(ଛ)ପ୍ରଚାର ଓ ପ୍ରସାର କରିବା :** ଏହା ଉନ୍ନତ ଧରଣର ଶୈକ୍ଷିକ ପ୍ରୟୋଗ କୌଶଳ ଓ କାର୍ଯ୍ୟ ପ୍ରଣାଳୀ ବିଷୟରେ ସୂଚନା ତଥା ଅନୁସନ୍ଧାନ ସିଦ୍ଧାନ୍ତର ପ୍ରଚାର ଓ ପ୍ରସାର କରିଥାଏ ।

**(ଜ) ଉପଦେଶ/ପରାମର୍ଶ :** ଏହା ବିଦ୍ୟାଳୟ ଶିକ୍ଷା ତଥା ଶିକ୍ଷକ ଶିକ୍ଷା ବିଷୟରେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କୁ ପରାମର୍ଶ ପ୍ରଦାନ କରିଥାଏ ।

**(ଝ) ନୀତି ସମ୍ପାଦନ କରିବା :** ଏହା ଭାରତ ସରକାରଙ୍କ କାର୍ଯ୍ୟକ୍ରମ ଓ ନୀତିର ପ୍ରଚଳନ ବିଷୟରେ କାର୍ଯ୍ୟ କରିଥାଏ ।

**(ଞ)ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ :** ଏହା ବିଭିନ୍ନ କ୍ଷେତ୍ରର ସମସ୍ୟା ଯେଉଁଳି ପାଠ୍ୟକ୍ରମ, ପାଠ୍ୟପୁସ୍ତକ, ପ୍ରକାଶନ, ପରୀକ୍ଷା ସହ ସମ୍ବନ୍ଧ ରହିଛି ଏବଂ ଏହି ସବୁ କ୍ଷେତ୍ରରେ ଅନୁସନ୍ଧାନ କରାଇଥାଏ । କେବଳ ବିଦ୍ୟାଳୟ ଶିକ୍ଷାର ସବୁସ୍ତରରେ ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ଏନ୍.ସି.ଇ.ଆର୍.ଟିର କାର୍ଯ୍ୟାବଳୀ ନିମ୍ନରେ ପ୍ରଦତ୍ତ କରାଯାଇଛି ।

ଟିପ୍ପଣୀ




*(ଚିତ୍ର.୪.୩ ଏନ୍.ସି.ଇ.ଆର୍.ଟିର କାର୍ଯ୍ୟାବଳୀ)*

**(ଟ) ଆନ୍ତର୍ଜାତିକ ଭୂମିକା:** ଯେଉଁ ଆନ୍ତର୍ଜାତିକ ସଂସ୍ଥା ବିଦ୍ୟାଳୟ ଶିକ୍ଷା ଉପରେ କାମ କରୁଛନ୍ତି ଏନ୍.ସି.ଇ.ଆର୍.ଟି ସେମାନଙ୍କ ସହିତ ସମନ୍ୱୟ ରକ୍ଷା କରିଥାଏ । ଆନ୍ତର୍ଜାତିକ ସଂସ୍ଥା ଯଥା;- ୟୁନେସ୍କୋ, ୟୁନିସେଫ୍, ବିଶ୍ୱବ୍ୟାଙ୍କ ଇତ୍ୟାଦି ଏନ୍.ସି.ଇ.ଆର୍.ଟି ସହିତ ବିଭିନ୍ନ ଯୋଜନା ଉପରେ କାର୍ଯ୍ୟ କରୁଛନ୍ତି । ପରିଷଦ ପ୍ରାରମ୍ଭିକ ଶିକ୍ଷା, ପୂର୍ବ ପ୍ରାଥମିକ ଶିକ୍ଷା, ଶିକ୍ଷକ ପ୍ରଶିକ୍ଷଣ ତଥା ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀତ କାର୍ଯ୍ୟକ୍ରମ କରିଥାଏ ।

## କ୍ରିୟାକଳାପ-୧

୧) ପ୍ରାରମ୍ଭିକ ଶିକ୍ଷାର ଗୁଣବତ୍ତା ସୁଧାରିବା ପାଇଁ ଏନ୍.ସି.ଇ.ଆର୍.ଟିର ଭୂମିକା ୧୦୦ଟି ଶବ୍ଦରେ ଉଲ୍ଲେଖ କର ।

# ୪.୩- ରାଜ୍ୟସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସାଙ୍ଗଠନିକ ସଂରଚନା

ରାଜ୍ୟସ୍ତରର ଶିକ୍ଷାକ୍ଷେତ୍ରରେ ଦୁଇଟି ମୁଖ୍ୟ ଅନୁଷ୍ଠାନ କାର୍ଯ୍ୟ କରୁଛି । ସେମାନେ ହେଉଛନ୍ତି ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ( *SCERT)* ତଥା ରାଜ୍ୟ ଶିକ୍ଷା ପରିଚାଳନା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(*SIEMAT).*

## ୪.୩.୧- ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ (ଏସ୍.ସି.ଇ.ଆର୍.ଟି)

ଭାରତରେ ଶିକ୍ଷା ଯୁଗ୍ମ ତାଲିକାର ବିଷୟ ଅଟେ । ତେବେ ଏହାର ନିୟନ୍ତ୍ରଣ ଏବଂ ପରିଚାଳନା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦାୟିତ୍ୱ ପରିସର ଭିତରେ ଅଛି । ଏହି ଦୁଇଙ୍କର ଉତ୍ତର ଦାୟିତ୍ୱ ସମ୍ବିଧାନ ଅନୁସାରେ ଭାଗ ଭାଗ ହୋଇଛି । ବିଦ୍ୟାଳୟସ୍ତରରେ ଶିକ୍ଷା କାର୍ଯ୍ୟକଳାପ ଓ ବୃତ୍ତିଗତ  କାର୍ଯ୍ୟକଳାପ ତଥା ପ୍ରଶାସନିକ ସୁବିଧାଗୁଡିକ ଏକୀଭୂତ କରିବା ଏବଂ ସମନ୍ୱୟ ପ୍ରତିଷ୍ଠା ପାଇଁ ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ  ପରିଷଦ ପ୍ରତ୍ୟେକ ରାଜ୍ୟରେ ପ୍ରତିଷ୍ଠା କରାଯାଇଥିଲା ।

ଏନ୍.ସି.ଇ.ଆର୍.ଟିର ପ୍ରତିଲିପି ଭାବେ ଏହା ପୂର୍ବ ପ୍ରାଥମିକ ବିଦ୍ୟାଳୟଠାରୁ ଉଚ୍ଚତମ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଶିକ୍ଷା କାର୍ଯ୍ୟକ୍ରମର ଯୋଜନା, ପରିଚାଳନା, ଅନୁସନ୍ଧାନ,ପ୍ରଶିକ୍ଷଣ ଓ ମୂଲ୍ୟାୟନ କରିବାର ଦାୟିତ୍ୱ ଏହାକୁ ନ୍ୟସ୍ତ କରାଯାଉଛି । ରାଜ୍ୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦଗୁଡିକ ୩୬ଟି ସ୍ଥାନରେ ସ୍ଥାପନ କରାଯାଇଛି ଯେଉଁଥିରେ ସିକିମ୍, ତ୍ରିପୁରା, କେରଳ, ଗୋଆ, ଜାମ୍ମୁ ଓ କାଶ୍ମୀର ଇତ୍ୟାଦ ସମ୍ମିଳିତ ଅଟେ ।

### ୧. ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦର ସଙ୍ଗଠନାତ୍ମକ ସଂରଚନା

ଏସ୍.ସି.ଇ.ଆର୍.ଟିର ବିଭିନ୍ନ ବିଭାଗ ରହିଛି, ଯେଉଁମାନେ କି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କାମ କରୁଛନ୍ତି । ଏହି ବିଭାଗଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା ।

- ସେବାକାଳୀନ ଶିକ୍ଷା ବିଭାଗ
- ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ବିଭାଗ
- ସାର୍ବଜନୀନକରଣ ପ୍ରାରମ୍ଭିକ ଶିକ୍ଷା ବିଭାଗ
- ଶିକ୍ଷା ଅନୁସନ୍ଧାନ, ନୀତି ପରିପ୍ରେକ୍ଷିତ ଏବଂ ନବୀନୀକରଣ ବିଭାଗ
- ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ

ଟିପ୍ପଣୀ

**ପରୀକ୍ଷା ଓ ନାମ ଲେଖା ପ୍ରକୋଷ୍ଠ**

**ଏହାର ଅନ୍ୟ କିଛି ବିଭାଗ ଅଛି ଯଥା:-**

- ଶିକ୍ଷା ପ୍ରକୋଷ୍ଠ
- ପ୍ରଶାସନ ପ୍ରକୋଷ୍ଠ
- ଲେଖା ବିଭାଗ
- ପ୍ରକାଶନ ବିଭାଗ

# ୨. ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦର ଭୂମିକା

- ଏସ୍.ସି.ଇ.ଆର୍.ଟି ପ୍ରାରମ୍ଭିକ, ମାଧମିକ ଏବଂ ଶିକ୍ଷକ ଶିକ୍ଷାର ରାଜ୍ୟସ୍ତରୀୟ ଶିକ୍ଷା ବିଭାଗର ଶୈକ୍ଷିକ ଶାଖା ଅଟେ ।

- ବିଦ୍ୟାଳୟ ଶିକ୍ଷା, ଅଣ- ଆନୁଷ୍ଠାନିକ ଶିକ୍ଷା ଏବଂ ଶିକ୍ଷକ ଶିକ୍ଷାରେ ଏହା ପରିବର୍ତ୍ତନର ପ୍ରତିନିଧି ରୂପରେ କାମ କରିଥାଏ ।

- ରାଜ୍ୟରେ ଥିବା ମାଧମିକ ପ୍ରଶିକ୍ଷଣ ବିଦ୍ୟାଳୟ, ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ପ୍ରଶିକ୍ଷଣ ମହାବିଦ୍ୟାଳୟ ଶିକ୍ଷଣ ଶିକ୍ଷା ମହାବିଦ୍ୟାଳୟ ତଥା ଉଚ୍ଚ ଅଧ୍ୟୟନ ସଂସ୍ଥାନରେ କାର୍ଯ୍ୟ ପଦ୍ଧତିର ନିୟନ୍ତ୍ରିଣ ଏବଂ ତଦାରଖ କରିଥାଏ ।

- ଏହା ରାଜ୍ୟ ସରକାରଙ୍କର ଶିକ୍ଷକ, ଶିକ୍ଷକ-ପ୍ରଶିକ୍ଷକ ତଥା ଶିକ୍ଷକ ପ୍ରଶିକ୍ଷକ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟଙ୍କର ନିଯୁକ୍ତି ତଥା ବଦଳି ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଅନ୍ତି ।

- ଏସ୍.ସି.ଇ.ଆର୍.ଟି ପ୍ରାରମ୍ଭିକ ତଥା ମାଧମିକ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ସେବାକାଳୀନ ପ୍ରଶିକ୍ଷଣ ପାଇଁ ଅର୍ଥ ଯୋଗାଇ ଥାନ୍ତି, ତଥା ଏହାକୁ ମନିଟର୍ କରିଥାନ୍ତି ।

- ଶିକ୍ଷଣର ନ୍ୟୁନତମ ଶିକ୍ଷଣସ୍ତରକୁ ନଜରରେ ରଖି ଏହା ପାଠ୍ୟକ୍ରମକୁ ଅନୁଶୀଳନ କରିଥାଏ । ପୁନଃ ଅନୁଶୀଳନ କରିବା ଏବଂ ପ୍ରାରମ୍ଭିକ ସ୍ତରରେ ଥିବା ବିଭିନ୍ନ ବିଷୟ ଉପରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥାଏ ।

- ସେହି ନ୍ୟୁନତମ ଶିକ୍ଷଣ ସ୍ତରମାନଙ୍କ ବିଷୟରେ ଶିକ୍ଷକମାନଙ୍କୁ ଅବଗତ କରାଇବା ଏବଂ ବିଭିନ୍ନ ବିଷୟରେ ନ୍ୟୁନତମ ଶିକ୍ଷଣସ୍ତରକୁ ହାସଲ କରିବା ରଣନୀତି ପ୍ରସ୍ତୁତ କରିଥାଏ ।

ଏହା ପ୍ରାକ୍ ବିଦ୍ୟାଳୟ ଛାତ୍ରମାନଙ୍କ ପାଇଁ ଅଧ୍ୟୟନ ପ୍ୟାକେଜ୍ ପ୍ରସ୍ତୁତ କରିଥାଏ ।

- ଏହା ଶିକ୍ଷଣ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକୁ ବିସ୍ତାର ସେବା ପ୍ରଦାନ କରିଥାଏ ଏବଂ ବିସ୍ତାର ସେବା କେନ୍ଦ୍ରର କାର୍ଯ୍ୟ ସହିତ ସମନ୍ୱୟ ରଖିଥାଏ ।

- ଏହା ଏପରି ଯୋଜନା ଓ କାର୍ଯ୍ୟକ୍ରମମାନ ସମ୍ପାଦନା କରିଥାନ୍ତି, ଯାହା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧିନରେ ଥିବା ଏନ୍.ସି.ଇ.ଆର୍.ଟି ଦ୍ୱାରା ପ୍ରାୟୋଜିତ ଏବଂ ୟୁନେସ୍କୋ, ୟୁନିସେଫ୍ ଓ ବିଶ୍ୱ ବ୍ୟାଙ୍କ ଦ୍ୱାରା ପୁଞ୍ଜି ନିବେଶ ହୋଇଥାଏ ।

- ଏହା ବିଦ୍ୟାଳୟ ଶିକ୍ଷାର ବିଭିନ୍ନ ଦିଗ ଉପରେ ଗବେଷଣା କରିଥାଏ ଏବଂ ବିଦ୍ୟାଳୟମାନଙ୍କୁ ବିଭିନ୍ନ ପ୍ରକଳ୍ପର ଗବେଷଣା ପାଇଁ ଆର୍ଥିକ ସହାୟତା ଯୋଗାଇଥାଏ ।

## ୩. ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ(*SCERT*)ର କାର୍ଯ୍ୟାବଳୀ :

*SCERT* ନିମ୍ନଲିଖିତ ଉପାୟରେ ବିଭିନ୍ନ ପ୍ରକାରର କାର୍ଯ୍ୟ ନିର୍ବାହ କରିଥାଏ ।

କ) **ପାଠ୍ୟକ୍ରମ ସଂଶୋଧନ ଓ ପାଠ୍ୟପୁସ୍ତକ ପୁନଃ ପରୀକ୍ଷା:** ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ ପାଠ୍ୟକ୍ରମ ସଂଶୋଧନ କରିବା ଏବଂ ପାଠ୍ୟପୁସ୍ତକ ପୁନଃ ପରୀକ୍ଷା କରିବା *SCERT*ର ପ୍ରଧାନ କାର୍ଯ୍ୟ ଅଟେ ।

ଖ) **କାର୍ଯ୍ୟଶାଳା ଆୟୋଜନା କରିବା:** ଅନୁସନ୍ଧାନର ବିଭିନ୍ନ ଉପାୟ ନୀତି ନିୟମ ଉପରେ କାର୍ଯ୍ୟଶାଳା ଆୟୋଜନ କରାଯାଇଥାଏ । ଯାହା ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ ପାଇଁ ଗୁରୁତ୍ୱ ଦେଇଥାଏ ।

ଗ) **ସେବା ପୂର୍ବ ଓ ସେବାକାଳୀନ ପ୍ରଶିକ୍ଷଣ:** ଶିକ୍ଷକମାନଙ୍କର କୌଶଳର ବିକାଶ ପାଇଁ ଏହା ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଅନ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥାଏ ।

ଘ) **ସମ୍ପୂର୍ଣ୍ଣ ଗୁଣବତ୍ତା ପ୍ରବନ୍ଧନ:** ଏହା ସମ୍ପୂର୍ଣ୍ଣ ଗୁଣବତ୍ତା ପରିଚାଳନ(*TQM*) ତଥ୍ୟ ଉପରେ ଗୁରୁତ୍ୱ ଦେଇଥାଏ । ଏହା ସଦାସର୍ବଦା ଚେଷ୍ଟିତ ଥାଏ କିପରି ଗୁଣବତ୍ତା ସମ୍ବନ୍ଧୀୟ ସମସ୍ୟାମାନଙ୍କର ମୂଳକାରଣମାନଙ୍କୁ ଦୂର କରିବ, ମାତ୍ର ଏହାର ଲକ୍ଷଣମାନଙ୍କର ଉପଚାର କରି ନଥାଏ ।

ଙ) **ପରାମର୍ଶ:** ବିଭିନ୍ନ ବିପରୀତ ଅଭ୍ୟାସଗୁଡ଼ିକୁ ଯଥା ନିରନ୍ତର ଓ ବ୍ୟାପକ ମୂଲ୍ୟାୟନ, ମାନଭିତ୍ତିକ ଶିକ୍ଷଣ ପ୍ରଣାଳୀ, ଶିକ୍ଷଣ ଶାସ୍ତ୍ର ଓ ପ୍ରଭାବପୂର୍ଣ୍ଣ ଶିକ୍ଷଣ ପ୍ରଣାଳୀ, ଇତ୍ୟାଦି ଉପରେ ଶିକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଥାଏ ।

ଟିପ୍ପଣୀ

ଚ) **ଅଭିମୁଖୀକରଣ କାର୍ଯ୍ୟକ୍ରମ:** ବିଭିନ୍ନ କ୍ଷେତ୍ରରେ ଯଥା ଦକ୍ଷତା ବୃଦ୍ଧି, ଅନୁସନ୍ଧାନ ମନୋବୃତ୍ତି, ନେତୃତ୍ୱ ନେବା, ବ୍ୟବହାର ଆଦି ବିଷୟରେ ଶିକ୍ଷକମାନଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ପ୍ରକାରର ଅଭିମୁଖୀ କରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ ।

ସାରାଂଶରେ ଆମେ ଏତିକି କହିବା ରାଜ୍ୟରେ ଶୈକ୍ଷିକ ସହାୟତା ପ୍ରଦାନ କରିବା ତଥା ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷାର ଗୁଣବତ୍ତାକୁ ସୁନିଶ୍ଚିତ କରିବା କ୍ଷେତ୍ରରେ *SCERT* ଏକ ପ୍ରମୁଖ ସଂସ୍ଥା ଅଟେ ।

## ୪.୩.୨- ରାଜ୍ୟ ଶିକ୍ଷା ପରିଚାଳନା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (*SIEMAT*)

ରାଜ୍ୟ ଶିକ୍ଷା ପରିଚାଳନା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ(*SIEMAT*)ଟି ହେଉଛି ରାଜ୍ୟର ଏକ ସ୍ୱୟଂ ଶାସିତ ଅନୁଷ୍ଠାନ, ଯାହା ବିଭିନ୍ନ ରାଜ୍ୟରେ ସ୍ଥାପିତ ହୋଇଛି ।*SIEMAT* ରାଜ୍ୟ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ଗୋଟିଏ ଅଙ୍ଗ ଭାବେ କାର୍ଯ୍ୟ କରୁଛି । ଏହି ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷା ଯୋଜନା ଓ ପରିଚାଳନା କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ତଥା ଅନୁସନ୍ଧାନ କରିବା

ଆଜିକାଲି ଜିଲ୍ଲା ଶିକ୍ଷା ଯୋଜନା ସଫଳ ଏବଂ ଦକ୍ଷତା ପୂର୍ବକ ସମ୍ପାଦନା କରିବା ପାଇଁ ଏହି ବୃତ୍ତି ଅବଲମ୍ବନକାରୀଙ୍କ ଚାହିଦା ବଢୁଛି । ଏହି କାରଣରୁ ସବୁସ୍ତରରେ ରାଜ୍ୟ, ଜିଲ୍ଲା, ଉପ-ଜିଲ୍ଲା ଏବଂ ମୂଳସ୍ତରରେ ଶିକ୍ଷା କାର୍ଯ୍ୟକ୍ରମକୁ ଯୋଜନା କରିବା, ସମ୍ପାଦନା କରିବା ଏବଂ ପରିଚାଳନା କରିବା ପାଇଁ ଏହି ବୃତ୍ତିଗତ ବିଶେଷଜ୍ଞଙ୍କର ଆବଶ୍ୟକତା ରହିଛି । ତେଣୁ ରାଜ୍ୟ, ଜିଲ୍ଲା ତଥା ଉପଜିଲ୍ଲା ସ୍ତରରେ ଶିକ୍ଷା ସମ୍ବନ୍ଧୀୟ ଯୋଜନା, ପ୍ରଶାସନ ତଥା ପରିଚାଳନା କ୍ରିୟାକଳାପ ବୃତ୍ତିକରଣ କରିବାରେ ସହାୟକ ହେତୁ *SIEMAT* ଏକ ମହତ୍ତ୍ୱପୂର୍ଣ୍ଣ ସଂଗଠନାତ୍ମକ ବ୍ୟବସ୍ଥା ଅଟେ ।

ଶିକ୍ଷା ପରିଚାଳନା କ୍ଷେତ୍ରରେ *SIEMAT*ଟି ସ୍ଥାପିତ ହୋଇଛି ଏକ ସାହାଯ୍ୟକାରୀ ଅନୁଷ୍ଠାନ । ଏହି ଅନୁଷ୍ଠାନର ମୁଖ୍ୟ ହେଉଛନ୍ତି ନିର୍ଦ୍ଦେଶକ । ଏହାର ଏକ ମହାସମିତି ହୋଇଥାଏ, ଯାହାର ପୌରହିତ ରାଜ୍ୟର ଶିକ୍ଷାମନ୍ତ୍ରୀ କରିଥାନ୍ତି । ତା ସହିତ ଏହାର ଏକ କାର୍ଯ୍ୟପାଳିକା ସମିତି ଅଛି, ଯାହାର ପୌରହିତ ଉକ୍ତ ରାଜ୍ୟର ମୁଖ୍ୟ ସଚିବଙ୍କ ଦ୍ୱାରା ହେଇଥାଏ ।

ଏହି ଅନୁଷ୍ଠାନ ଅନ୍ତର୍ଗତ ବିଭିନ୍ନ ବିଭାଗଗୁଡିକ ଗଠିତ ହୋଇଛି । ଯେପରି ନୀତି ଓ ଯୋଜନା ବିଭାଗ, ପରିଚାଳନା ବିଭାଗ, ଶୈକ୍ଷିକ, ଅର୍ଥ ବିଭାଗ, ଅନୁସନ୍ଧାନ ବିଭାଗ ମୂଲ୍ୟାୟନ ଏବଂ ଶୈକ୍ଷିକ ନବୀନୀକରଣ ବିଭାଗ ତଥା ସୂଚନା ପରିଚାଳନା ପ୍ରଣାଳୀ ।

## ୧) ରାଜ୍ୟ ଶିକ୍ଷା ପରିଚାଳନା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭୂମିକା

*SIEMAT*ର ମୁଖ୍ୟ ଭୂମିକା ହେଉଛି ପ୍ରଶାସନିକ ସ୍ତରରେ କାମ କରୁଥିବା ଉଚ୍ଚପଦସ୍ଥ କର୍ମଚାରୀମାନଙ୍କର

ତଥା ଅନ୍ୟାନ୍ୟ ରାଜ କର୍ମଚାରୀ ଯେଉଁ ବିଦ୍ୟାଳୟର ଶିକ୍ଷା ପରିଚାଳନା ସହିତ ସମ୍ପୃକ୍ତ, ସେମାନଙ୍କର ପରିଚାଳନଗତ କୌଶଳର ବିକାଶ କରିବା ।

*SIEMAT* ନିମ୍ନଲିଖିତ ମୁଖ୍ୟତଃ ଭୂମିକା ସବୁ ସମ୍ପାଦନା କରିଥାଏ ।

## କ) ଜ୍ଞାନୋପାର୍ଜନ:-

- ଅନୁସନ୍ଧାନ ମାଧ୍ୟମରେ ଜ୍ଞାନ ଗ୍ରହଣ
- ଅନ୍ୟ ଉତ୍ସରୁ ପ୍ରାପ୍ତ ଅନୁସନ୍ଧାନର ସିଦ୍ଧାନ୍ତ
- ଜାତୀୟ ତଥା ଅନ୍ତର୍ଜାତୀୟ ଅନୁଭବ ଉପରେ ଆଧାରିତ କେସ ଅଧ୍ୟୟନର ସଙ୍କଳନ

## ଖ)ଜ୍ଞାନର ପ୍ରସାରର ମାଧ୍ୟମ

- ଗଣ ମାଧ୍ୟମର ଉପଯୋଗ
- ପ୍ରକାଶନ
- ସୁଗ୍ରହୀକରଣ
- ସେମିନାର ତଥା ଆଲୋଚନା ଦ୍ୱାରା

## ଗ) ଜ୍ଞାନ ଆହରଣ ପାଇଁ ସମ୍ପୂର୍ଣ୍ଣ ଭାବେ ନିମଜ୍ଜିତ ରହିବାର କ୍ଷମତା ଏବଂ ବିକାଶମୂଳକ ଲକ୍ଷ୍ୟ ପାଇଁ ଏହା ବ୍ୟବହାର କରାଯାଏ, ଯଥା

- ସରକାରୀ ଅଧିକାରୀ, ପ୍ରଶିକ୍ଷକ ଏବଂ ଗୋଷ୍ଠୀଭିତ୍ତିକ ନେତାଙ୍କର ଅଭିମୁଖୀ କରଣ
- ବୃତ୍ତିଗତ ଓ ଔଦ୍ୟୋଗିକ ବିଷୟରେ ପରାମର୍ଶ ଦେବା
- ଜିଲ୍ଲାସ୍ତରୀୟ ଏବଂ ସୂକ୍ଷ୍ମସ୍ତରରେ ଯୋଜନା ଆୟୋଜକ
- ବିଦ୍ୟାଳୟ କାର୍ଯ୍ୟକ୍ଷମ କରିବାରେ ଉନ୍ନତି ଆଣିବା
- ଆନୁଷ୍ଠାନିକ ଯୋଜନା ବିସ୍ତାର କାର୍ଯ୍ୟ

## ଘ) ଶିକ୍ଷାନୁଷ୍ଠାନମାନଙ୍କୁ ଔଦ୍ୟୋଗିକ ସହାୟତା ପ୍ରଦାନ କରିବା

## ୨. ରାଜ୍ୟ ଶିକ୍ଷା ପରିଚାଳନା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନର କାର୍ଯ୍ୟ :

*SIEMAT*ର ମୁଖ୍ୟ କାର୍ଯ୍ୟ ନିମ୍ନଲିଖିତ ଅଟେ ।

- ରାଜ୍ୟସ୍ତରରେ ନୀତି ଯୋଜନାକୁ ସମର୍ଥନ ଦେବା
- ବିଭିନ୍ନ ଦିଗରେ ଅନୁସନ୍ଧାନ ଜାରି ରଖିବା
- ରାଜ୍ୟ ଓ ଉପରାଜ୍ୟ ସ୍ତରରେ ଅନୁଷ୍ଠାନଗୁଡ଼ିକୁ ବୃତ୍ତି ସମ୍ବନ୍ଧୀୟ ସହାୟତା ଦେବା
- ରାଜ୍ୟ, ଜିଲ୍ଲା ଏବଂ କ୍ଷେତ୍ରସ୍ତରରେ ଶିକ୍ଷା ପରିଚାଳକ ସେମାନଙ୍କର ସହଯୋଗୀ କାର୍ଯ୍ୟକର୍ତ୍ତା

ଟିପ୍ପଣୀ

ଏବଂ ଗୋଷ୍ଠୀ ନେତାମାନଙ୍କର ଦକ୍ଷତା ବିକାଶ କରିବା

➢ ଶିକ୍ଷାନୁଷ୍ଠାନମାନଙ୍କର ଶିକ୍ଷା କାର୍ଯ୍ୟକ୍ରମ ଗୁଡିକର ତଥା ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ମୂଲ୍ୟାୟନ ଇତ୍ୟାଦିକୁ ସହଯୋଗ କରିବା

➢ ଶିକ୍ଷା ଅଧିକାରୀଙ୍କ ଭିତରେ ସକାରାତ୍ମକ ମନୋଭାବ ସୃଷ୍ଟି ପାଇଁ ଏହା ସହଯୋଗ ଦେଇଥାଏ । ପରାମର୍ଶ ଓ ପ୍ରଶିକ୍ଷଣ ପ୍ରଦାନ କରିଥାଏ ।

➢ ଶିକ୍ଷା ଯୋଜନା ଏବଂ ପରିଚାଳନା କ୍ଷେତ୍ରରେ ଗୋଷ୍ଠୀ, ଜିଲ୍ଲା, ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୂଚନାକୁ ଗ୍ରହଣ କରି ଏହାକୁ ସବୁସ୍ତରରେ ପ୍ରଚାର ଓ ପ୍ରସାର କରିବା ।

➢ ଶିକ୍ଷା ଯୋଜନା, ପରିଚାଳନାର ବିକାଶ, ତଦାରଖ, ପ୍ରଶିକ୍ଷଣ ଓ ଅନୁସନ୍ଧାନ ପାଇଁ ରାଜ୍ୟ ଭିତରେ ଏବଂ ବାହାରେ ନେଟ୍‌ୱାର୍କ ସ୍ଥାପନା କରିବା ।

➢ ଅନ୍ୟ ରାଜ୍ୟ ତଥା ଭାରତ ସରକାରଙ୍କୁ ଏବଂ ଅନ୍ୟ ଶିକ୍ଷାନୁଷ୍ଠାନମାନଙ୍କୁ ପରାମର୍ଶ ସେବା ପ୍ରଦାନ କରିବା ।

➢ ପରବର୍ତ୍ତୀ ସମୟରେ ଶିକ୍ଷା ଯୋଜନା ଏବଂ ପରିଚାଳନା ପାଇଁ ଅଣ-ଅନୁଷ୍ଠାନିକ ସଂସ୍ଥାମାନଙ୍କୁ ସହାୟତା ପ୍ରଦାନ କରିବା ।

## କ୍ରିୟାକଳାପ-୨

୧) ଶିକ୍ଷା କ୍ଷେତ୍ରରେ ଅନୁସନ୍ଧାନ, ପ୍ରଶିକ୍ଷଣ ଓ ବିକାଶ ବିଷୟରେ *SCERT*ର କାର୍ଯ୍ୟାବଳୀକୁ ସମାଲୋଚନାମୂଳକ ବିଶ୍ଳେଷଣ କର ।

୨) ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ *SIEMAT*ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଉକ୍ତିର ଗୁରୁତ୍ୱକୁ ପ୍ରମାଣ କର ।

୧୯୮୬ର ଜାତୀୟ ଶିକ୍ଷାନୀତିର ସୁପାରିଶ କ୍ରମେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(*DIET*)ର ଅଭ୍ୟୁଦୟ ହୋଇଛି । ଏହି ବିଷୟରେ ନିମ୍ନରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି ।


ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(*DIET*) ଏକ ଜିଲ୍ଲାସ୍ତରୀୟ ପ୍ରତିଷ୍ଠାନ ଯିଏ ଜିଲ୍ଲାସ୍ତରରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକଳାପର ଯୋଜନା, କାର୍ଯ୍ୟ ସମ୍ପାଦନା ଏବଂ ତଦାରଖ ଇତ୍ୟାଦି କରିଥାଏ ।

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସଂରଚନା

ଡି.ଆଇ.ଇ.ଟି ଉଭୟ ସେବାକାଳୀନ ଓ ସେବାପୂର୍ବକ ଶିକ୍ଷା ନବିସମାନଙ୍କୁ(*Trainee*) ଆବାସିକ ବ୍ୟବସ୍ଥା ଯୋଗାଇ ଦେଇଥାଏ । ପ୍ରତ୍ୟେକ ଡି.ଆଇ.ଇ.ଟି ନିମ୍ନଲିଖିତ ୭ଟି ବିଦ୍ୟା ବିଷୟ ଶାଖାକୁ ନେଇ ଗଠିତ ।

- ସେବାପୂର୍ବକ ଶିକ୍ଷକ ଶିକ୍ଷାଶାଖା(*PSTE*)
- କାର୍ଯ୍ୟାନୁଭାବ ଶାଖା(*WE*)
- ଜିଲ୍ଲା ସାଧନ ଏକକ(*DRU*)
- ସେବାକାଳୀନ କାର୍ଯ୍ୟକ୍ରମ କ୍ଷେତ୍ରରେ ଆଲୋଚନା ଏବଂ ନବୀନୀକରଣ ଆଲୋଚନା ସମନ୍ୱୟ ଶାଖା
- ଶିକ୍ଷା ପ୍ରଯୁକ୍ତି ବିଭାଗ
- ଯୋଜନା ଓ ପରିଚାଳନା ବିଭାଗ

**ଏହି ଶାଖାଗୁଡିକର ଚିତ୍ର ନିରୂପଣ ନିମ୍ନରେ କରାଯାଇଛି**




*ଚିତ୍ର ୪.୪: DIETର ଶୈକ୍ଷିକ ଶାଖା*

ଟିପ୍ପଣୀ

## ୪.୪.୧- *DIET*ର ଭୂମିକା

***DIET*ର ଭୂମିକା ଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା**

- ଜିଲ୍ଲା ତଥା ଉପଜିଲ୍ଲା ସ୍ତରରେ ସମସ୍ତ ଭାଗିଦାରୀମାନଙ୍କ ସହିତ ସିଧାସଳଖ ଆଲୋଚନା ମାଧ୍ୟମରେ ଅସୁବିଧାଗୁଡିକ ଚିହ୍ନଟ କରିବା ।
- ପ୍ରାରମ୍ଭିକ ଶିକ୍ଷାରେ ବିଭିନ୍ନ ଦିଗରେ ନିମ୍ନ ଅନୁସନ୍ଧାନଗୁଡିକ ଅଧ୍ୟୟନ ପ୍ରସ୍ତୁତ କରିବା ଓ ସମ୍ପାଦନା କରିବା
- ଜିଲ୍ଲାରେ କ୍ରିୟାତ୍ମକ ଅନୁସନ୍ଧାନକୁ ମନିଟର କରିବା
- ଶିକ୍ଷାକୁ ଅନୁସନ୍ଧାନ କର୍ମକଲର୍ତ୍ତାଙ୍କୁ କ୍ରିୟାତ୍ମକ ଅନୁସନ୍ଧାନ ସଂଚାଳନ କରିବା ବିଷୟରେ ପ୍ରଶିକ୍ଷଣ ଦେବା ଏବଂ ସେମାନଙ୍କୁ ସଂଶୋଧନ ସହାୟତା ଦେବା
- ଅନୁସନ୍ଧାନର ସିଦ୍ଧାନ୍ତକୁ ବାଣ୍ଟିବା ଏବଂ ନିଜ ନିଜ ଇଣ୍ଟର ଭେନ୍‌ସନ୍‌ରେ ପରିବର୍ତ୍ତନ ଆଣିବା ପାଇଁ ଜିଲ୍ଲାସ୍ତରରେ ସମ୍ମିଳିତ କରିବା ।

## ୪.୪.୨-*DIET*ର କାର୍ଯ୍ୟାବଳୀ

ପ୍ରତ୍ୟେକ *DIET*ର ନିମ୍ନ ଉପାୟରେ କାର୍ଯ୍ୟ କରିଥାଏ ।
କ). ନିମ୍ନଲିଖିତ ସମୂହ ପାଇଁ ପ୍ରଶିକ୍ଷଣ ତଥା ଅଭିମୁଖୀକରଣ

- ପ୍ରାରମ୍ଭିକ ବିଦ୍ୟାଳୟର ଶିକ୍ଷକ(ଉଭୟ ସେବାକାଳୀନ ଓ ସେବାପୂର୍ବ)ଙ୍କର ପ୍ରଶିକ୍ଷଣ
- ପ୍ରଧାନ ଶିକ୍ଷକ, ବିଦ୍ୟାଳୟର ମୁଖ୍ୟ ଏବଂ ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରଶିକ୍ଷଣ ଓ ଅଭିମୁଖୀ କରଣ
- ଇନ୍‌ଷ୍ଟ୍ରକ୍ଟର ତଥା ପରିଦର୍ଶକ(*Superviser*)- (ଅଣ-ଆନୁଷ୍ଠାନିକ ଓ ପ୍ରୌଢ ଶିକ୍ଷା)

- ଜିଲ୍ଲା ଶିକ୍ଷା ବୋର୍ଡର ସଦସ୍ୟ ଓ ଗ୍ରାମ୍ୟ ଶିକ୍ଷା ସମିତିର ସଦସ୍ୟମାନ, ସମାଜର ନେତା, ଯୁବକ ଏବଂ ଅନ୍ୟ ସ୍ୱୟଂସେବୀମାନଙ୍କର ଅଭିମୁଖୀ କରଣ ଯେଉଁମାନେ ଶିକ୍ଷା କାର୍ଯ୍ୟ କଲା ପରେ କାମ କରିବା ପାଇଁ ଇଚ୍ଛୁକ ଅଟନ୍ତି ।

**ଖ) ନିମ୍ନଲିଖିତ ଉପାୟ ମାଧ୍ୟମରେ ଜିଲ୍ଲାରେ ପ୍ରାରମ୍ଭିକ ଏବଂ ପ୍ରୌଢ ଶିକ୍ଷା ବ୍ୟବସ୍ଥାକୁ ଶୈକ୍ଷିକ ସଂଶୋଧନ ସହାୟତା/ସମର୍ଥନ ଦେବା**

- ସ୍ଥାନୀୟ ଅଞ୍ଚଳରେ ସଂପ୍ରସାରଣ(*Extension*) କାର୍ଯ୍ୟକଳାପ ଓ ଆଲୋଚନା
- ଶିକ୍ଷକ ଏବଂ ପ୍ରଶିକ୍ଷକମାନଙ୍କୁ ସାଧନ(*Resource*) ଏବଂ ଶିକ୍ଷଣ କେନ୍ଦ୍ରର ସୁବିଧା ପ୍ରାବଧାନ
- ସ୍ଥାନୀୟ ଉପଯୋଗୀ ସାମଗ୍ରୀ, ଶିକ୍ଷଣ ସହାୟକ ସାମଗ୍ରୀ, ମୂଲ୍ୟାୟନ ଉପକରଣ ଇତ୍ୟାଦିର ବିକାଶ

➢ ପ୍ରାରମ୍ଭିକ ବିଦ୍ୟାଳୟ ଓ ଅଣ ଆନୁଷ୍ଠାନିକ ଶିକ୍ଷା/ପ୍ରୌଢ ଶିକ୍ଷାର କାର୍ଯ୍ୟକ୍ରମ ପାଇଁ ଗୋଟିଏ ମୂଲ୍ୟାଙ୍କନ କେନ୍ଦ୍ର ରୂପରେ କାର୍ଯ୍ୟ କରିବା

**ଗ) କ୍ରିୟାତ୍ମକ ଅନୁସନ୍ଧାନ ଓ ପରୀକ୍ଷା:** **ପ୍ରାରମ୍ଭିକ** ଶିକ୍ଷା ଏବଂ ପ୍ରୌଢ ଶିକ୍ଷା ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ଜିଲ୍ଲା ମୁଖ୍ୟ ସମସ୍ୟାଗୁଡିକୁ ସାମ୍ନା କରି ତାର ଉପାୟ ବାହାର କରିବା

*DIET*କୁ କ୍ରିୟାଶୀଳ କରାଇ ତାର କାର୍ଯ୍ୟ ସମ୍ପାଦନା କରିବା ପାଇଁ ଅତିରିକ୍ତ ଭୌତିକ ସୁବିଧାମାନ(ଯେପରି ଭବନ ଆଦି) ଶିକ୍ଷଣ ସାମଗ୍ରୀ, ସହାୟକ ସାମଗ୍ରୀ, ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ତଥା ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥାଏ । ଏହା ସହିତ ଡି.ଆଇ.ଇ.ଟିରେ ନୂଆ ବିଭାଗମାନ ଖୋଲା ଯାଇଛି । ଯଥା:-

- ସେବାପୂର୍ବ ଶିକ୍ଷକ ଶିକ୍ଷା ବିଭାଗ
- ପାଠ୍ୟକ୍ରମ, ପଦାର୍ଥ ସାମଗ୍ରୀ ନିର୍ମାଣ ଏବଂ ମୂଲ୍ୟାୟନ ବିଭାଗ
- କାର୍ଯ୍ୟାନୁଭାବ(*Work Experience*) ଶାଖା

ପ୍ରୌଢ ଶିକ୍ଷା ତଥା ଅଣ ଅନୁଷ୍ଠାନିକ ଶିକ୍ଷା ଅନ୍ୟ ବିଭାଗ ଯଥା ଯୋଜନା ଓ ପରିଚାଳନା ବିଭାଗ, ଶିକ୍ଷା ପ୍ରଯୁକ୍ତି ଏବଂ ସେବାକାଳୀନ କାର୍ଯ୍ୟକ୍ରମ, କ୍ଷେତ୍ର ସହିତ ଆଲୋଚନା ଏବଂ ନବୀନୀକରଣ ସମନ୍ୱୟ ଶାଖାମାନଙ୍କ ପାଇଁ ଥିବା ଜିଲ୍ଲା ସଂଶୋଧନ ଏକକ (*District Resource Unit*).

## ୪.୫ ଗୋଷ୍ଠୀସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସାଙ୍ଗଠନିକ ସଂରଚନା-ଗୋଷ୍ଠୀ ସାଧନ କେନ୍ଦ୍ର (BRC)

*DIET*କୁ ଶିକ୍ଷାର ଗୁଣବତ୍ତା ବଢାଇବା ତଥା ଜିଲ୍ଲାସ୍ତରରେ ଶିକ୍ଷା କ୍ରିୟାକଳାପର ଗତିକୁ ତୀବ୍ର କରିବାର ଦାୟିତ୍ୱ ଦିଆଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ଶିକ୍ଷକମାନଙ୍କୁ ଓ ବିଦ୍ୟାଳୟମାନଙ୍କୁ ଶିକ୍ଷାରେ ମାର୍ଗଦର୍ଶନ ଦେବା ତଥା ବିଦ୍ୟାଳୟସ୍ତରରେ ଗୁଣବତ୍ତାର ସୁଧାର ପାଇଁ ଏବଂ କାର୍ଯ୍ୟାନ୍ୱିତ କରିବା ପାଇଁ ଗୋଷ୍ଠୀ ସାଧନ କେନ୍ଦ୍ରର ସ୍ଥାପନା କରାଯାଇଛି ।

ଗୋଷ୍ଠୀ ସାଧନ କେନ୍ଦ୍ର ୧୦୦ ଗ୍ରାମର ସମୂହକୁ ନେଇ ଗଠିତ । ଗୋଷ୍ଠୀ ସାଧନ କେନ୍ଦ୍ରର କାର୍ଯ୍ୟକଳାପର ସମନ୍ୱୟ ବ୍ଲକ୍ ଶିକ୍ଷା ଅଧିକାରୀ କରିଥାନ୍ତି । ଏହି କାମରେ ଅନ୍ୟ ବ୍ୟକ୍ତିମାନେ ଯଥା ଡାଟା ଏଣ୍ଟ୍ରି ଅପରେଟର୍, କନିଷ୍ଠ ଯନ୍ତ୍ରୀ, ବ୍ଲକ୍ ସଂଯୋଜକ, ସଂଶୋଧନ ଶିକ୍ଷକ ଆଦି ବୈଷୟିକ ସହାୟତା ପ୍ରଦାନ କରିଥାନ୍ତି ।

### ୪.୫.୧- ଗୋଷ୍ଠୀ ସାଧନ କେନ୍ଦ୍ରର କାର୍ଯ୍ୟ ଓ ଭୂମିକା

ଗୋଷ୍ଠୀ ସାଧନ କେନ୍ଦ୍ର ସର୍ବଶିକ୍ଷା ଅଭିଯାନର କ୍ରିୟାକଳାପ ଯୋଜନା, କାର୍ଯ୍ୟନିର୍ବାହ ଏବଂ ମନିଟରିଂ କରିବା ପାଇଁ ସମ୍ପୃକ୍ତ ହେବା ଜରୁରୀ । ଗୋଷ୍ଠୀ ସାଧନ କେନ୍ଦ୍ର ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା, ପଠନ-

ଟିପ୍ପଣୀ

ପାଠନ ସାମଗ୍ରୀର ନିର୍ମାଣ କରିବା ଗୋଷ୍ଠୀ ସମ୍ପୃକ୍ତି ସଂଚାଳନା ।

କ୍ରିୟାତ୍ମକ ଗବେଷଣାରେ ସାମିଲ ହେବା ପାଇଁ ତଥା ଶିକ୍ଷକମାନେ ଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରିୟାକଳାପ ତଥା ପ୍ରତିଯୋଗିତାମାନ ଆୟୋଜନ କରିଥାଏ । ପ୍ରାରମ୍ଭିକ ଶିକ୍ଷା ସମ୍ବନ୍ଧୀୟ ଯେ କୌଣସି ସୂଚନା ଗୋଷ୍ଠୀ ସୂଚନା କେନ୍ଦ୍ର ପୂର୍ଣ୍ଣ କଲା ପରେ ଏବଂ ତତ୍‌ପଶ୍ଚାତ ଜିଲ୍ଲା ଓ ରାଜ୍ୟ ରାଜ୍ୟ ଅଧିକାରୀମାନଙ୍କୁ ପଠାଇ ଦିଆଯାଇଥାଏ । ପ୍ରାରମ୍ଭିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସବୁ ପ୍ରକାର ଶିକ୍ଷା ସମ୍ବନ୍ଧୀୟ ସହାୟତା ଦେବା ପାଇଁ ବି.ଆର୍.ସି ଏବଂ ସାଧନ କେନ୍ଦ୍ର ରୂପରେ କାର୍ଯ୍ୟ କରୁଛି । ଗୋଷ୍ଠୀ ସାଧନ କେନ୍ଦ୍ରର କାର୍ଯ୍ୟ ନିମ୍ନଲିଖିତ ଅଟେ ।

- ପ୍ରାରମ୍ଭିକ ବିଦ୍ୟାଳୟକୁ ପର୍ଯ୍ୟାପ୍ତ ସ୍ଥାନ ତଥା ଉପକରଣ ପ୍ରଦାନ କରିବା
- ବିଦ୍ୟାଳୟ ଗୃହକୁ ମରାମତି କରିବା ଏବଂ ଯଦି ଆବଶ୍ୟକତା ପଡେ ବିଶେଷ ମରାମତି କରିବା ଦରକାର ପଡିଥାଏ ତଥା ନୂଆଘରର ନିର୍ମାଣ ବି କରିବାକୁ ପଡିଥାଏ ।
- ନିର୍ଦ୍ଦେଶନାମା ହିସାବରେ ବିଦ୍ୟାଳୟକୁ ତଦାରଖ ବା ପର୍ଯ୍ୟବେକ୍ଷଣ କରିବାକୁ ପଡେ ।
- ନିଜ କ୍ଷେତ୍ରରେ ଅନିବାର୍ଯ୍ୟ ଉପସ୍ଥିତିକୁ ଲାଗୁ କରିବା ପାଇଁ ଉତ୍ତରଦାୟୀ ରହିବେ ।
- ଯେଉଁଠାରେ ସମ୍ଭବ ହେବ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବା ।
- ପିଲାମାନଙ୍କୁ ପୋଷାକ ଦେବା
- ବିଦ୍ୟାଳୟ କାର୍ଯ୍ୟକ୍ରମକୁ ପାଳିବା ତଥା ବିଦ୍ୟାଳୟ ପାଇଁ ଶିକ୍ଷା ବିଷୟକ ଭ୍ରମଣ ବ୍ୟବସ୍ଥା କରିବା ତଥା ଅନ୍ୟ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟରେ କରିବା ପାଇଁ ବ୍ୟବସ୍ଥା କରିବା ।
- ବ୍ଲକ୍ ସ୍ତରରେ ନିଆଯାଇଥିବା ଶିକ୍ଷା ସମ୍ବନ୍ଧୀୟ ନିର୍ମାଣ କାର୍ଯ୍ୟ ପ୍ରଗତି ଓ ଗୁଣାବତ୍ତାକୁ ମନିଟର କରିବା ।
- ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଓ ଜନ ସଚେତନତା କରିବା ପାଇଁ ବ୍ୟବସ୍ଥା କରିବା ।
- ଅଣ-ଆନୁଷ୍ଠାନିକ ସଂସ୍ଥା(*NGO*), ସ୍ୱୟଂ ସହାୟକ ଗୋଷ୍ଠୀ(*SHG*) ଏବଂ ସରକାରୀ ବିଭାଗ ଆଦିର ସହଯୋଗ ଓ ସମନ୍ୱୟ ପ୍ରାପ୍ତ କରିବା ।
- ବ୍ଲକ ସ୍ତରରେ ଅନ୍ୟ ଅଧିକାରୀଙ୍କ ସହିତ ନିୟମିତ ସମୀକ୍ଷା ବୈଠକ ସଞ୍ଚାଳିତ କରିବା ତା' ହେଲେ ବିଭିନ୍ନ କାର୍ଯ୍ୟକ୍ରମରେ ଯଦି କିଛି ଅସୁବିଧା ସୃଷ୍ଟି ହେଉଥିବ, ତାକୁ ଦୂର କରିବା ପାଇଁ ପ୍ରୟାସ କରିବା ।
- ବ୍ଲକ୍ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ତଦାରଖ କରିବା ଓ ପ୍ରଶିକ୍ଷଣ ପ୍ରଭାବକୁ ମାପିବା



ଟିପ୍ପଣୀ

# ୪.୬- ଆଞ୍ଚଳିକ ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ସଂଗଠନାତ୍ମକ ସଂରଚନା(CRC)

ଆ*ଳିକ ସାଧନ କେନ୍ଦ୍ର (*CRC*) ୮ଟିରୁ ୧୦ଟି ସ୍କୁଲକୁ ନେଇ ଗଠିତ, ଯାହା ଭିତରେ ବିଭିନ୍ନ ଅନୁଷ୍ଠାନ ନିଜର ସଂସାଧନ, ବିଶେଷ ଜ୍ଞାନ, ଶିକ୍ଷା ସହାୟକ ସାମଗ୍ରୀ ଇତ୍ୟାଦିର ଆଦାନପ୍ରଦାନ କରି ପରସ୍ପରକୁ ଶିକ୍ଷାରେ ମଜବୁତ କରନ୍ତି ଏବଂ ଆଦାନ ପ୍ରଦାନ ମାଧ୍ୟମରେ ସେଗୁଡ଼ିକର ଉଚିତ୍ ଉପଯୋଗ କରନ୍ତି ଆଞ୍ଚଳିକ ସାଧନ କେନ୍ଦ୍ର ମାଧ୍ୟମରେ ଶିକ୍ଷକମାନେ ଏକାଠି ହୁଅନ୍ତି ଏବଂ ନିଜର ଚିନ୍ତାଧାରା ଓ ଅନୁଭବକୁ ଅନ୍ୟ ଶିକ୍ଷକମାନଙ୍କ ସହ ବାଣ୍ଟିଥାନ୍ତି ଏବଂ ନିଜର ବୃତ୍ତିଗତ ବିକାଶ ପାଇଁ କାର୍ଯ୍ୟ କରିଥାନ୍ତି ।

ଆଞ୍ଚଳିକ ସାଧନ କେନ୍ଦ୍ର ଠାରୁ ସ୍ତରରେ ସେହି କ୍ରିୟାକଳାପ କରିବାର ଅଶା କରାଯାଏ, ଯେପରି ବି.ଆର୍.ସି ବ୍ଲକ୍‌ସ୍ତରରେ କରିଥାଏ । ଆଞ୍ଚଳିକ ସାଧନ କେନ୍ଦ୍ର ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଉତ୍ତରଦାୟୀ ରହିବେ, ଯେଉଁମାନେ ଗ୍ରାମାଞ୍ଚଳରେ ପଞ୍ଚାୟତ ଶିକ୍ଷା ଅଧିକାରୀ ଭାବେ ଘୋଷଣା କରାଯାଇଥିବେ ଏବଂ ସହରାଞ୍ଚଳରେ ଆଞ୍ଚଳିକ ଶିକ୍ଷା ଅଧିକାରୀ ଘୋଷଣା କରାଯାଇଥିବେ ।

## ୪.୬.୧- ଆଞ୍ଚଳିକ ସାଧନ କେନ୍ଦ୍ରର ଭୂମିକା

- ବିଦ୍ୟାଳୟକୁ ଚଳାଇବା ପାଇଁ ନିୟମ ଓ କ୍ରିୟାବିଧି ପ୍ରସ୍ତୁତ କରିବା ।
- ବିଦ୍ୟାଳୟ ଅର୍ଥକୁ ପରିଚାଳନ ଓ ବଣ୍ଟନ
- ନୂଆ ସିଲାବସ୍ ଓ ପାଠ୍ୟକ୍ରମକୁ ଲାଗୁ କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବା
- ଶିକ୍ଷକମାନଙ୍କ ପାଇଁ କାର୍ଯ୍ୟଶାଳାର ଆୟୋଜନ କରିବା

## ୪.୬.୨- ଆଞ୍ଚଳିକ ସାଧନ କେନ୍ଦ୍ରର କାର୍ଯ୍ୟ

ଆଞ୍ଚଳିକ ସାଧନ କେନ୍ଦ୍ର ଶିକ୍ଷକମାନଙ୍କର ସଶକ୍ତିକରଣ କରିବାର କେନ୍ଦ୍ର ରୂପେ କାମ କରିଆସୁଛି । ଯେଉଁଠାରେ ଶିକ୍ଷକମାନେ ନିଜ ବିଦ୍ୟାଳୟରେ ପ୍ରୟୋଗ କରୁଥିବା ଉପଯୁକ୍ତ ଅନୁଭବ ଏବଂ ଅଭିନବୀକରଣ (*Innovative*) ପଦ୍ଧତିର ଆଲୋଚନା କରିବେ ଏବଂ ଏହାର ଆଦାନପ୍ରଦାନ ହୁଏ । ଆଞ୍ଚଳିକ ସାଧନ କେନ୍ଦ୍ରର କାର୍ଯ୍ୟ ନିମ୍ନପ୍ରକାରର ଅଟେ ।

- ବିଦ୍ୟାଳୟ ସମଷ୍ଟି(*School complexes*) ସମୂହ ଅର୍ନ୍ତଗତ ସବୁ ବିଦ୍ୟାଳୟକୁ ନିରୀକ୍ଷଣ ତଥା ପର୍ଯବେକ୍ଷଣ କରିବେ ।
- ସମଷ୍ଟି ଅନ୍ତର୍ଗତ ଶିକ୍ଷକମାନଙ୍କର ସ୍ଥାନନ୍ତର କରିବା ପ୍ରକ୍ରିୟା

ଟିପ୍ପଣୀ

- ଦରମା ଆବଣ୍ଟନ କରିବା
- ଫର୍ଣ୍ଣିଚର ବିତରଣ କରିବା
- ଉପକରଣ ତଥା ଲେଖନ ସାମଗ୍ରୀ
- ସମଷ୍ଟି ଅନ୍ତର୍ଗତ ବିଦ୍ୟାଳୟର ମୁଖ୍ୟଙ୍କୁ କାରଣ ସମ୍ବନ୍ଧୀୟ ଛୁଟିକୁ ମଞ୍ଜୁର କରିବା
- ଏହିଭଳି ସୂଚନା ଏକତ୍ରୀତ କରିବେ ଯାହା ଉପରସ୍ତରକୁ ଯଥା ବି.ଆର୍.ସି, ଜିଲ୍ଲା ଓ ରାଜ୍ୟ ଅଧିକାରୀଙ୍କୁ ପଠେଇ ହେବ ।
- ପାଠ୍ୟକ୍ରମ ସାମଗ୍ରୀର ବିକାଶ କରିବା
- ଶିକ୍ଷା କାର୍ଯ୍ୟକ୍ରମକୁ ଉତ୍ସବ ରୂପେ ପାଳନ କରିବା
- ଶିକ୍ଷକମାନଙ୍କର ନିୟମିତ ବୈଠକ କରିବା
- ପାଠ୍ୟକ୍ରମ ଓ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମକୁ ପାଳନ କରିବା ପାଇଁ ବ୍ୟବସ୍ଥା କରିବା
- ଶିକ୍ଷାଦାନ ଓ ଶିକ୍ଷକ ସଂଶାଧନର ସୁଲଭତା ପ୍ରଦାନ କରିବା ତଥା ସୁନିଶ୍ଚିତତା କରିବା
- ସେବାକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଯୋଜନା ତିଆରି କରିବା

ଆଞ୍ଚଳିକ ସାଧନ କେନ୍ଦ୍ର ଗ୍ରାମାଞ୍ଚଳ ଶିକ୍ଷକ ଓ ଛାତ୍ରମାନଙ୍କ ଭିତରେ ଏକାକୀ (*Isolation*) ଭାବ ଦୂର କରିଥାଏ, ଏହାଦ୍ୱାରା ବିଦ୍ୟାଳୟ ଶାସନ ଓ ଉତ୍ତରଦାୟିତ୍ୱର ଭାବନା ବିକାଶ ହେଇଥାଏ ।

## ୪.୭-ସାରାଂଶ

ବିଦ୍ୟାଳୟ ଶିକ୍ଷା ସାଧାରଣ ରୂପରେ ତଥା ପ୍ରାରମ୍ଭିକ ଶିକ୍ଷା ବିଶେଷ ରୂପରେ ଶିକ୍ଷାର ବିଭିନ୍ନ ଦିଗରେ ଉତ୍କୃଷ୍ଟତା ପାଇବା ଉଦ୍ଦେଶ୍ୟରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଭାରତ ସରକାର ଦେଶରେ ପ୍ରାରମ୍ଭିକ ଶିକ୍ଷାର ଗୁଣାତ୍ମକ ସୁଧାର ଆଣିବା ପାଇଁ ଉତ୍ତରଦାୟିତ୍ୱର ବିକେନ୍ଦ୍ରୀକରଣ କରିଛନ୍ତି । ଜାତୀୟସ୍ତରରେ ୧୯୬୧ ମସିହାରେ ବିଦ୍ୟାଳୟ ଶିକ୍ଷାର ସର୍ବୋଚ୍ଚତମ ସଂସ୍ଥା ଭାବେ ଏନ୍.ସି.ଇ.ଆର୍.ଟିର ସ୍ଥାପନ ହୋଇଥିଲା । ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ସୁଧାର ଆଣିବା ଏବଂ ବିଭିନ୍ନ ଶୈକ୍ଷିକ କାର୍ଯ୍ୟରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ଉପଦେଶ ଦେବା । ଏହି ଏକକରେ *NCERT*ର ବିଭିନ୍ନ ପ୍ରକାରର କାର୍ଯ୍ୟ ଓ ଭୂମିକାକୁ ବର୍ଣ୍ଣନା କରାଯାଇଛି ।

ରାଜ୍ୟସ୍ତରରେ ଦୁଇ ମୁଖ୍ୟ ପ୍ରକାରର ଶୈକ୍ଷିକ ସଂସ୍ଥା କାମ କରୁଛନ୍ତି, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା । ସେମାନେ ହେଉଛନ୍ତି ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ( *SCERT)* ତଥା ରାଜ୍ୟ ଶିକ୍ଷା ପରିଚାଳନା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(*SIEMAT)* । ରାଜ୍ୟସ୍ତରରେ ସେହି କାର୍ଯ୍ୟ ଓ ଭୂମିକା ନିର୍ବାହ କରିଥାନ୍ତି, ଯାହା *NCERT* ଜାତୀୟସ୍ତରରେ କରିଥାଏ । *NCERT* ଭଳି ଏହାର ବିଭିନ୍ନ ବିଭାଗ ରହିଛି । ଏହା ହେଉଛି ରାଜ୍ୟ ଶିକ୍ଷା ବିଭାଗର ଶୈକ୍ଷିକ ବିଭାଗ ।

ରାଜ୍ୟସ୍ତରରେ ଅନ୍ୟ ଅନୁଷ୍ଠାନ ହେଉଛି ରାଜ୍ୟ ଶିକ୍ଷା ପରିଚାଳନା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ । ଏହାର ମୁଖ୍ୟ ଭୂମିକା ହେଉଛି ଶିକ୍ଷା ପ୍ରଶାସନ ଓ ପରିଚାଳନ ସହିତ ଜଡିତଥିବା ଅଧିକାରୀମାନଙ୍କ ଭିତରେ ପରିଚାଳନାତ୍ମକ କୌଶଳ ବିକାଶ କରିବା । ତା ସହିତ ଏହା ରାଜ୍ୟସ୍ତରରେ ନୀତି ଯୋଜନାକୁ ସହାୟତା କରିଥାଏ ଏବଂ ବିଭିନ୍ନ ଅଧିକାରୀମାନଙ୍କୁ ବୃତ୍ତିଗତ ତାଲିମ ପ୍ରଦାନ କରିଥାଏ ।

୧୯୮୬ ମସିହାରେ ଜାତୀୟ ଶିକ୍ଷାନୀତି ଆଧାରରେ ଶିକ୍ଷାର ସାଙ୍ଗଠନିକ ସଂରଚନାର ବିକେନ୍ଦ୍ରୀକରଣ କରଯାଇଥିଲା । ଜିଲ୍ଲାସ୍ତରରେ ଶିକ୍ଷା ଅନୁଷ୍ଠାନ ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(*DIET*) ରୂପରେ ସ୍ଥାପନ କରାଯାଇଛି । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଶିକ୍ଷକମାନଙ୍କ ପାଇଁ ସେବାକାଳୀନ ଓ ସେବାପୂର୍ବ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନା କରିଥାନ୍ତି । ତଦ୍‌ସହିତ *DIET* ନିମ୍ନସ୍ତରରେ କିଛି ଅନୁସନ୍ଧାନ କାର୍ଯ୍ୟ କରିଥାଏ, ତାହାର ପ୍ରଭାବ ପ୍ରାରମ୍ଭିକ ଶିକ୍ଷା ଉପରେ ପଡିଥାଏ । ଏହା ପାଠ୍ୟକ୍ରମ ସହିତ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥାଏ । ଏହାର ଏକ ଜିଲ୍ଲା ସଂଶାଧନ ଏକକ ଅଛି । ଶିକ୍ଷାର ବିକେନ୍ଦ୍ରୀକରଣ ପ୍ରକ୍ରିୟା ପୁଣି ବ୍ଲକ୍ ତଥା ଆଞ୍ଚଳିକସ୍ତର ପର୍ଯ୍ୟନ୍ତ ବ୍ୟାପ୍ତ ଅଟେ । ବ୍ଲକ୍‌ସ୍ତରରେ ଗୋଷ୍ଠୀ ସାଧନ କେନ୍ଦ୍ର ଖୋଲା ଯାଇଛି, ଯାହାର କାର୍ଯ୍ୟ ପ୍ରାରମ୍ଭିକ ଶିକ୍ଷାରେ ଶିକ୍ଷକମାନଙ୍କୁ ଶୈକ୍ଷିକ ସହାୟତା ଏବଂ ଶିକ୍ଷା ବିଷୟରେ ପରାମର୍ଶ ଦିଆଯାଇଥାଏ । ଯେତେଗୁଡିଏ *CRC* କେନ୍ଦ୍ର ଅଛି, ସେସବୁ ଶିକ୍ଷକଙ୍କ ସଶକ୍ତିକରଣ କେନ୍ଦ୍ର ରୂପେ ପରିଗଣିତ, ଯେଉଁଠି ଶିକ୍ଷକମାନେ ଏକତ୍ରିତ ହୁଅନ୍ତି ଏବଂ ନିଜର ବିଚାର ଓ ଅନୁଭବ ତଥା ନବୀନୀକରଣ ଅଭ୍ୟାସର ଆଦାନପ୍ରଦାନ କରିଥାନ୍ତି, ଯାହାର ପ୍ରୟୋଗ ନିଜ ନିଜ ବିଦ୍ୟାଳୟରେ କରିଥାନ୍ତି ।

## ୪.୮- ଶବ୍ଦକୋଷ/ ସଂକ୍ଷେପକରଣ

- NCERT - National Council Of Educational Research And Training
- MHRD - Ministry of Human Resource Development
- SCERT- State Council of Educational Research and Training
- MLL - Minimum Levels of Learning
- DPEP - District Primary Education Programme
- SOPT- Special Orientation for Primary School Teachers
- TQM - Total Quality Management
- SIEMAT- State Institute of Educational Management and Training
- NGO- Non Government Organization
- DIET- District Institute of Education and Training
- BRCs - Block Resource Centers
- CRCs - Cluster Resource Centers